# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 October – 2023**

---

## ପ୍ରଧାନମନ୍ତ୍ରୀ - ଏସୀୟ କ୍ରୀଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ଣରେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍‌ଠାରେ ଚୀନ୍‌ର ହାଙ୍ଗ୍‌ଝୌଠାରେ ଅନୁଷ୍ଠିତ ହୋଇଥିବା ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ, ଚଳିତ ଏସୀୟ କ୍ରୀଡ଼ାରେ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଏବଂ ୪୧ଟି କାଂସ୍ୟ ପଦକ ସହ ମୋଟ ୧୦୭ଟି ପଦକ ଜିତିଛି । ସମୁଦାୟ ପଦକ ସଂଖ୍ୟା ଦୃଷ୍ଟିରୁ ଏସୀୟ କ୍ରୀଡ଼ାରେ ଏହା ହେଉଛି ଭାରତର ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ।

---

## ହାଇକୋର୍ଟଙ୍କ ଶୁଣାଣି

ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସି ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଏ.ଏସ୍.ଓ ଚୟନ ପରୀକ୍ଷାରେ ଅନିୟମିତତା ମାମଲାର ଗତକାଲି ଓଡ଼ିଶା ହାଇକୋର୍ଟରେ ଶୁଣାଣି ହୋଇଛି । ଏହି ମାମଲାରେ ଜଣିକିଆ ବିଚାରପତିଙ୍କ ରାୟ ଉପରେ ଜାରି ହୋଇଥିବା ରହିତାଦେଶକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି । ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍

ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାମଲାର ପରବର୍ତ୍ତୀ ଶୁଣାଣି ଦୁର୍ଗାପୂଜା ଛୁଟି ପରେ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ପୂର୍ବରୁ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଓପିଏସ୍‌ସିକୁ ପୂର୍ବ ପ୍ରକାଶିତ ମେଧାତାଲିକା ରଦ୍ଦ କରି ନୂଆ ମେଧାତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାର ପୁର୍ନବିଚାର ପାଇଁ କେତେଜଣ ପରୀକ୍ଷାର୍ଥୀ ଡିଭିଜନ ବେଞ୍ଚରେ ଆବେଦନ କରିଥିଲେ । ଏହି ମାମଲାରେ ଡିଭିଜନ ବେଞ୍ଚଙ୍କ ପକ୍ଷରୁ ସ୍ଥଗିତାଦେଶ ଜାରି କରାଯାଇଥିଲା ।

## ଇ-ଗଭ୍ ଓଡ଼ିଶା

ଇ-ପ୍ରଶାସନ ଓ ଇ-ସେବା ପ୍ରଦାନ କ୍ଷେତ୍ରରେ ଓଡ଼ିଶାକୁ ଶତପ୍ରତିଶତ ସଫଳତା ମିଳିଛି। ଚିହ୍ନଟ ଏକକ ସମନ୍ୱିତ ସେବା ପ୍ରଦାନ ପୋର୍ଟାଲ୍ ଓଡ଼ିଶା ୱାନ୍ ଜରିଆରେ ଓଡ଼ିଶା ଶତପ୍ରତିଶତ ସେବା ପ୍ରଦାନ କରିଥିବା ଜଣାପଡିଛି। ଦେଶରେ ଇ-ଗଭର୍ଣ୍ଣାନ୍ସକୁ ପ୍ରୋତ୍ସାହିତ କରିବା ଏବଂ ଇ-ସେବା ଯୋଗାଣରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ସେବା ଅଧିକାର କମିସନରଙ୍କ ଦ୍ୱିତୀୟ ବୈଠକରୁ ଏ ସମ୍ପର୍କରେ ତଥ୍ୟ ମିଳିପାରିଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ଦ୍ୱାରା ମୋଟ୍ ୧୪ ହଜାର ୭୩୬ଟି ଇସେବା ଯୋଗାଇ ଦିଆଯାଉଛି। ୨ ହଜାର ୧୬ଟି ବାଧ୍ୟତାମୂଳକ ଇ-ସେବା ମଧ୍ୟରୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ୧ ହଜାର ୫୦୫ଟି ଇ-ସେବା ଯୋଗାଇ ଦେଇ ୭୪ ଦଶମିକ ୫ ପ୍ରତିଶତ ଲକ୍ଷ୍ୟ ହାସଲ କରିଛନ୍ତି। ଓଡ଼ିଶା ବ୍ୟତୀତ

କେରଳ ଓ ଜମ୍ମୁକାଶ୍ମୀର ଶତପ୍ରତିଶତ ଇସେବା ଯୋଗାଇବାରେ ସଫଳ ହୋଇଛନ୍ତି ବୋଲି ଜଣାପଡିଛି ।

## ଶ୍ରୀମନ୍ଦିର-ପୋଷାକ ପରିଧାନ

ପୁରୀ ଶ୍ରୀମନ୍ଦିରକୁ ପ୍ରବେଶ ସମୟରେ ଶ୍ରଦ୍ଧାଳୁମାନେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବା ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗତକାଲି ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ନୂଆବର୍ଷରୁ କଡାକଡି ଭାବେ ଏହି ନିୟମ ଲାଗୁ କରାଯିବ । ପୋଷାକରେ ଶାଳୀନତା ନଥିଲେ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ପୋଲିସ୍ ଏବଂ ପ୍ରତିହାରୀ ସେବକମାନେ ମିଶି ଏହାକୁ ତଦାରଖ କରିବେ । ଆଜିଠାରୁ ଏନେଇ ଶ୍ରଦ୍ଧାଳୁମାନଙ୍କୁ ସଚେତନ କରାଯିବାକୁ ସ୍ଥିର ହୋଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

ସେହିଭଳି ବୈଠକରେ ଆଗାମୀ କାର୍ତ୍ତିକ ମାସରେ ନୀତିକାନ୍ତି କିଭଳି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ଆଲୋଚନା ହୋଇଛି । ଛତିଶା ନିଯୋଗ ବୈଠକରେ ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି । ସୂଚନା ଅନୁସାରେ ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଆସନ୍ତା ୨୫ ତାରିଖରୁ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ବାଲ୍ୟଧୂପ ନୀତି ଆରମ୍ଭ ହେବ । ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଚାଲିବ । ଏହାପରେ ୫ ଦିନ ଧରି ପଞ୍ଚୁକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

## ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ

ନଦୀରେ ଜଳ ସଂରକ୍ଷଣ ସହ ପାନୀୟ ଜଳର ଆବଶ୍ୟକତା ପୂରଣ ଓ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି । ଆସନ୍ତା ଫେବୃୟାରୀ ସୁଦ୍ଧା ମୋଟ୍ ୧୧ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି । ସେହିଭଳି ଆସନ୍ତା ଡିସେମ୍ବର ୨୦୨୪ ସୁଦ୍ଧା ୧୮ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ସୂଚନା ଅନୁସାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ୍ ୪୬ଟି ପ୍ରକଳ୍ପ ବ୍ୟତୀତ ତୃତୀୟ ପର୍ଯ୍ୟାୟରେ ୨୦ଟି ପ୍ରକଳ୍ପ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ।

## ବସ୍ ସେବା 'ଲକ୍ଷ୍ମୀ' ଯୋଜନା

ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ବଣ୍ଡାଘାଟିରୁ ଲୋକେସନ୍ ଏକ୍ସେସିବୁଲ ମଲ୍ଟିମୋଡାଲ 'ଲକ୍ଷ୍ମୀ' ଯୋଜନାରେ ବସ୍ ଚଳାଚଳ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଗୁରୁବାର ଏହାର ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣାଞ୍ଚଳର ୬ଟି ଜିଲ୍ଲା ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, ଗଜପତି ଓ କନ୍ଧମାଳରେ ବସ୍ ଚଳାଚଳ କରିବ । ଏହି ବସ୍‌ଗୁଡ଼ିକ ପଞ୍ଚାୟତରୁ ବ୍ଲକ ଓ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ ପାଇଁ ଯୋଜନା ରହିଛି । ଏହା ପୂର୍ବରୁ ଫାଇବ୍-ଟି ସଚିବ ଭି.କେ. ପାଣ୍ଡିୟାନ୍ ଗତକାଲି ଲକ୍ଷ୍ମୀ ଯୋଜନାର

ବସ୍ କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଅବସରରେ ସେ ନିଃସ୍ୱାର୍ଥପର ସେବା ଯୋଗାଇଦେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

---

## ପ୍ରକଳ୍ପ ପ୍ରତିଯୋଗିତା

କେନ୍ଦ୍ର ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଡୋରଷ୍ଟାଡିୟମରେ ଜାତୀୟସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏଥିରେ ଓଡ଼ିଶାରୁ ୨୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାରୁ ଛାତ୍ରଛାତ୍ରୀମାନେ କାନ୍ଥକୁ ରଙ୍ଗ କରିବା ପାଇଁ ସ୍ୱୟଂଚାଳିତ ରୋବଟ୍, ବ୍ଲୁଟୁଥ୍ ଷ୍ଟେଥୋସ୍କୋପ୍, ଗତିଶୀଳ ରାସ୍ତା ଡିଭାଇଡର ଆଦି ପ୍ରକଳ୍ପ ପ୍ରସ୍ତୁତ କରିଛି ।

---